୧୯/୦୪/୧୯୯୦

# ବୈରାଗ୍ୟରେ ଆକ୍ରୋଶ ଶୋଭାପାଏନା

ଗତଥର ବିଜୁବାବୁଙ୍କର ଅହେତୁକ ବୈରାଗ୍ୟ ଏବଂ ଟଙ୍କିକିଆ ଦରମା ଉପାଖ୍ୟାନ ଆମର ଦୃଷ୍ଟି ଆକର୍ଷଣ କରିଥିଲା । କିନ୍ତୁ ଏ ବୈରାଗ୍ୟ ପରେ ପରେ ଯେ ଆମେ ଏତେ ପରିମାଣରେ ତାଙ୍କ ଆକ୍ରୋଶର ଶିକାର ହେବୁ, ଏହା ଆମ କଳ୍ପନା ଓ ଆଶଙ୍କାର ବାହାରେ ଥିଲା । ଇଷ୍ଟର୍ଣ୍ଣ ମିଡିଆର କାର୍ଯ୍ୟାଳୟ ଏବଂ ବିଶେଷକରି ମୁଖ୍ୟ ସମ୍ପାଦକ ଓ ତାଙ୍କ ସହଯୋଗୀମାନଙ୍କ ଦପ୍ତରକୁ ପୋଲିସ୍ ବିଭାଗ ଯେପରି ବେଆଇନ ଭାବେ ଚଢଉ କଲେ ଏବଂ ଇଷ୍ଟର୍ଣ୍ଣ ମିଡିଆର ସମ୍ବାଦପତ୍ର ଓ ପତ୍ରପତ୍ରିକା ପ୍ରକାଶନ ଗୁଡିକରେ ବାଧା ସୃଷ୍ଟି କଲେ ତାହା ଓଡିଶା ଇତିହାସରେ ଯେ ଏକ କଳଙ୍କିତ ଅଧ୍ୟାୟ ହୋଇରହିବ ଏଥିରେ ସନ୍ଦେହର ଅବକାଶ ନାହିଁ । ଅବଶ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଆମର କେତେକ ସ୍ଥାନୀୟ ସାମ୍ବାଦିକ ଓ ସମ୍ପାଦକ ବନ୍ଧୁମାନେ ମୋର ବ୍ୟକ୍ତିଗତ ପାରିବାରିକ ସମ୍ପର୍କକୁ ଅଗ୍ରାଧିକାର ଦେଇ ଆମର ବୃତ୍ତିଗତ ପ୍ରଶ୍ନ ଓ ସ୍ୱାଭିମାନକୁ ଗୌଣ ମନେ କରିବାପାଇଁ ଉଚିତ ମଣିଛନ୍ତି । ଏଥିପାଇଁ କେତେ ପରିମାଣରେ ସେ ଦିନର ଘଟଣାବଳୀ ସମ୍ପର୍କରେ ତାଙ୍କର ଅଜ୍ଞତା ଓ କେତେ ପରିମାଣରେ ମୋ ପ୍ରତି ତାଙ୍କର ଅସୂୟାଭାବ ଦାୟୀ, ତାହା ମୁଁ ଜାଣେନାହିଁ । କିନ୍ତୁ ଏହା ଯେ ଓଡିଶାର ସାମ୍ବାଦିକ ବୃତ୍ତି ପ୍ରତି ଆସନ୍ନ ବିପଦର ସୂଚନା ଦେଉଛି ଏହାହିଁ ଆମକୁ ଅଧିକ ବିବ୍ରତ କରୁଛି ।

ଭିଜିଲାନ୍ସ ବିଭାଗର ଚଢାଉ ବିଷୟରେ ଆମର କିଛି କହିବାର ନାହିଁ । କଳାଧନ ବିରୁଦ୍ଧରେ ବିଜୁ ବାବୁଙ୍କର ଏ ସଂଗ୍ରାମକୁ ଆମେ ଅତୀତରେ ଅକୁଣ୍ଠ ସମର୍ଥନ ଆମ ସମ୍ପାଦକୀୟ ସ୍ତମ୍ଭରେ ଦେଇ ଆସିଛୁ । ଏହା କେବଳ ମୁଷ୍ଟିମେୟ ସରକାରୀ ଇଞ୍ଜିନିୟରଙ୍କ ମଧ୍ୟରେ ସୀମିତ ରହି ଲୋକ ଦେଖାଣିଆ କାର୍ଯ୍ୟକ୍ରମରେ ପରିଣତ ନ ହେଉ ବୋଲି ଆମେ ଖୋଲାଖୋଲି ଭାବେ କହିଥିଲୁ । ତେଣୁ ପୂର୍ବତନ ମନ୍ତ୍ରୀ ଓ ରାଜନୀତିଜ୍ଞମାନେ ଏଥିରୁ ବାଦ୍ ପଡିବା ଅନୁଚିତ ବୋଲି ଆମେ ଏବେ ମଧ୍ୟ ମନେକରୁ । 'ସମ୍ବାଦ'ର ପ୍ରକାଶକ ଓ ସମ୍ପାଦକ ଏଥିରୁ ବା ବାଦ୍ ପଡିବେ କାହିଁକି ? ସମ୍ବାଦପତ୍ରର ସ୍ୱାଧୀନତା ନାଆଁରେ ଅନ୍ୟର କଳାଧନକୁ ଲୁଚେଇବା ଅପରାଧ ସବୁ ଦୃଷ୍ଟିରୁ ଅକ୍ଷମଣୀୟ । ସେଥିପାଇଁ ଯଦି 'ସମ୍ବାଦ'ର ମୁଖ୍ୟ ସମ୍ପାଦକ ତାଙ୍କ ଶ୍ୱଶୁରଙ୍କର ତଥାକଥିତ କଳାଧନକୁ ପ୍ରେସ୍ ସ୍ୱାଧୀନତାର ଦ୍ୱାହି ଦେଇ ତାଙ୍କର ଅଫିସ୍ ଗୃହ ମଧ୍ୟରେ ଲୁଚାଇ ରଖିଥିବେ, ତେବେ ସେ ଅଫିସ୍ ଗୃହରେ ଭିଜିଲାନ୍ସ ବିଭାଗର ଚଢଉ ହେବା ଆବଶ୍ୟକ । ଆମେ ତେଣୁ ଭିଜିଲାନ୍ସ ବିଭାଗର 'ସମ୍ବାଦ' ଉପରେ ଚଢାଉ ନିଷ୍ପତ୍ତିକୁ ସ୍ୱାଗତ କରୁଛୁ । କିନ୍ତୁ ଏ ଚଢାଉ ନିଷ୍ପତ୍ତି କେବଳ ଏହାଧି ପାଇଁ ହୋଇଥିଲା କି ନାହିଁ, ତାହାର ବିଚାର କରିବ କିଏ ? ଯଦି ଆମେ କହୁ ଯେ ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଆମ ଘରର ହାଲଚାଲ

### ସୌମ୍ୟରଞ୍ଜନ ପଟ୍ଟନାୟକ

ସମ୍ବାଦର ସ୍ପଷ୍ଟବାଦିତାରେ ବିବ୍ରତ ହୋଇଥିଲେ, ତାଙ୍କର ଗୋଟିକ ପରେ ଗୋଟିଏ ପାଗଳ-ପ୍ରାୟ ନିଷ୍ପତ୍ତି 'ସମ୍ବାଦ'ର ବିଭିନ୍ନ ପୃଷ୍ଠାରେ ସମାଲୋଚନାର ଶିକାର ହୋଇଥିଲା ଏବଂ ସେଇଥିପାଇଁ ବେଳସୁ 'ସମ୍ବାଦ'କୁ ନାଲିଆଖି ଦେଖାଇ ତାଗିଦ୍ କରି ଦେବାପାଇଁ ଏହି ଚଢଉ କରାଯାଇଥିଲା, ଏ କଥାଟିକୁ ଅବାନ୍ତର ବୋଲି ତ କହିହେବ ନାହିଁ ? ପୁଣି ଖୋଦ ବିଜୁବାବୁଙ୍କ ଜଣେ ଘନିଷ୍ଠ ସହଯୋଗୀ ଓ ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ, କ୍ଷମତାକୁ ଆସିଲେ 'ସମ୍ବାଦ'କୁ ବୁଲ୍‌ଡୋଜ୍ କରିଦେବେ ବୋଲି ଧମକ ଦେଇନଥିଲେ କି ?

ଯଦି ବା ଚଢଉ ନିଷ୍ପତ୍ତି କୌଣସି କୌଣସି କାରଣରୁ ନିଆଗଲା, ସେଥିପାଇଁ ଆମ ବ୍ୟବସ୍ଥାରେ ବିଧିବଦ୍ଧ ଆଇନ କାନୁନ ରହିଛି । କିନ୍ତୁ, କେଉଁ ଆଇନ ବଳରେ ବିନା ସର୍ଚ୍ଚ ୱାରେଣ୍ଟରେ ଭିଜିଲାନ୍ସ ବିଭାଗ ମୋର କାର୍ଯ୍ୟାଳୟକୁ ଜଉମୁଦ ଦେଇ ବନ୍ଦ କରିଦେଲେ ମୋର ଅନୁପସ୍ଥିତିରେ ? ଭିଜିଲାନ୍ସ ବିଭାଗର ମୋର ବାସଗୃହ ଖାନତଲାସକୁ ମୁଁ ଆଦୌ ବିରୋଧ କରିନାହିଁ । କାରଣ ସେଥିପାଇଁ ତାଙ୍କ ପାଖରେ ଆଇନାନୁମୋଦିତ ସର୍ଚ୍ଚୱାରେଣ୍ଟ ଥିଲା । ନିଜର ଭୁଲ୍ ବୁଝିପାରି ପୋଲିସ୍ ଏବେ ସଫେଇ ଦେଉଛନ୍ତି ଯେ ସମ୍ବାଦପତ୍ର ପ୍ରକାଶନକୁ ବନ୍ଦ କରିଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା । କିନ୍ତୁ ସାମ୍ବାଦିକମାନଙ୍କୁ ପ୍ରେସ ପରିସର ଭିତରକୁ ପ୍ରବେଶ କରିବାପାଇଁ ବାରଣ କରାଯାଇଥିଲା, ଟେଲିଫୋନ୍ ଓ ଟେଲିପ୍ରିଣ୍ଟର ବ୍ୟବହାର କରିବାପାଇଁ ନିଷେଧ କରାଯାଇଥିଲା, ସମ୍ପାଦକଙ୍କର ସହଯୋଗୀ ମାନଙ୍କର ଦପ୍ତରଗୁଡିକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା । ତେବେ ଏ ପରିସ୍ଥିତିରେ ସମ୍ବାଦପତ୍ର ପ୍ରକାଶନ ସମ୍ଭବ ହୋଇଥାନ୍ତା କିପରି ? ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ଏ ପ୍ରକାର ଏକ ଅବାନ୍ତର ଖିଆଲର ଶିକାର ହୋଇଛନ୍ତି । ତା ନ ହୋଇଥିଲେ ସାମ୍ବାଦିକ ସମ୍ମିଳନୀରେ ସେ ମଧ୍ୟ ସଫେଇ ଦେଇ ନ ଥାନ୍ତେ ଯେ ଭିଜିଲାନ୍ସ ବିଭାଗ କେବଳ ଆମର ହିସାବଖାତା ଦେଖିବା ପାଇଁ ଏବଂ ଆମେ କାଳେ ମାତ୍ରାଧିକ ସରକାରୀ ବିଜ୍ଞାପନ ପାଉଥିବା କଥା ପରୀକ୍ଷା କରିବାପାଇଁ ଆମ ପ୍ରେସ୍ ଉପରେ ଚଢାଉ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କର ଯେ ସାମାନ୍ୟ ମତିଭ୍ରମ ହେବାକୁ ଲାଗିଲାଣି ଏବଂ ସେ ଏହିପରି ହାସ୍ୟାସ୍ପଦ କଥାଗୁଡିକ ନିର୍ବିକାର ଭାବରେ କହି ଚାଲିଛନ୍ତି ଏକଥା ଭାବିଲାବେଳକୁ ବିଜୁବାବୁଙ୍କ ପ୍ରତି ଦୟା ଆସୁଛି । 'ସମ୍ବାଦ'ର ବୁକ୍ସ ଅଫ୍ ଏକାଉଣ୍ଟସ୍ ଦେଖିବାପାଇଁ କ'ଣ ସମ୍ପାଦନା ବିଭାଗକୁ ଜଉମୁଦ ଦେଇ ବନ୍ଦ କରିବା ନିହାତି ଆବଶ୍ୟକ ଥିଲା ? ବିଜୁବାବୁ ତ ନିଜେ ନିଜ ଜୀବନରେ ବହୁ ଶିଳ୍ପ ଗଢିଛନ୍ତି ଏବଂ ଭାଙ୍ଗିଛନ୍ତି । ବହୁ କମ୍ପାନୀ ତିଆରି କରିଛନ୍ତି । ସେ କ'ଣ ପ୍ରକୃତରେ ଜାଣନ୍ତି ନାହିଁ, କମ୍ପାନୀର ହିସାବଖାତା ଏବଂ ତା'ର ଟିକିନିଖି ବିବରଣୀ କେଉଁଠୁ ଏବଂ କିପରି ମିଳିବ ? ବାକି ରହିଲା ବିଜ୍ଞାପନ କଥା । ସରକାର ଦେଇଥିବା ବିଜ୍ଞାପନର ହିସାବ ସରକାରୀ ନଥିପତ୍ରରେ କ'ଣ ନାହିଁ ? ଟେଲିଫୋନ୍‌ଟିଏ କରି ଦେଇଥିଲେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ମହୋଦୟ ବିଜୁବାବୁଙ୍କୁ ସବୁକଥା ଟିକିନିଖି କରି ବୁଝେଇ ଦେଇଥାଆନ୍ତେ । ଅସଲ କଥାଟି ହେଲା ଏ ସବୁ ସରକାରଙ୍କର ନିଷ୍ଫଳ ପ୍ରୟାସ ପରେ ଆତ୍ମରକ୍ଷା ପାଇଁ ଗୋଟିଏ ଗୋଟିଏ ବାହାନା । ସେ ଯାହା ହେଉନା କାହିଁକି ସରକାର ଦୁଇଦିନ ପାଇଁ ଆମର ଦୈନିକ ସମ୍ବାଦପତ୍ର ଓ ସାପ୍ତାହିକ ପତ୍ରିକାଗୁଡିକର ପ୍ରକାଶନ ବନ୍ଦ କରି ଦେବାରେ ଯେ ସଫଳ ହେଲେ ଏହା ଆମକୁ ଗଭୀର ଭାବରେ ଆଘାତ ଦେଇଛି । ଆମେ ଏହାର ପ୍ରତିବାଦ କରିଛୁ, କରିବୁ ଏବଂ ସରକାରଙ୍କର ସବୁ ପ୍ରକାର ଆକ୍ରୋଶର ମୁକାବିଲା କରିବାପାଇଁ ପ୍ରସ୍ତୁତ ରହିଛୁ । ଓଡିଶାର ସ୍ୱାର୍ଥ, ସ୍ୱାଭିମାନ ଏବଂ ଆମର ବୃତ୍ତିଗତ ଅଭିମାନ ପାଇଁ ଯେତେ ମୂଲ୍ୟ ଦେବାକୁ ପଡିଲେ ମଧ୍ୟ ଆମେ ତାହା ଦେବୁ । କିନ୍ତୁ ବିଜୁବାବୁ ଗୋଟିଏ କଥା ମନେ ରଖିବା ଉଚିତ, ଗତ ସପ୍ତାହରେ ସେ ଯେଉଁ ଆକ୍ରମଣ କରିଥିଲେ ତାହାକୁ ହୁଏତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସହ ଥିବା ମୋର ବ୍ୟକ୍ତିଗତ ସମ୍ପର୍କ ପାଇଁ ଅନେକେ ଗୌଣ ମନେ କରି ଥାଇପାରନ୍ତି । ଏବେ କିନ୍ତୁ ବିଜୁବାବୁଙ୍କୁ ମୋର ବ୍ୟକ୍ତିଗତ ସମ୍ପର୍କ ଅପେକ୍ଷା ଆମର ବୃତ୍ତିଗତ ସ୍ୱାଭିମାନକୁ ସମ୍ମାନ ଦେବାପାଇଁ ପଡିବ । ମୁଁ ସମ୍ବାଦର ମୁଖ୍ୟ ସମ୍ପାଦକ ଭାବେ ଏବଂ ମୋର ସହଯୋଗୀ ସମ୍ପାଦକ ଓ ସାମ୍ବାଦିକମାନେ ଓଡିଶାର ସ୍ୱାର୍ଥ ଏବଂ ସ୍ୱାଭିମାନ ସମ୍ପର୍କିତ ନିର୍ଦ୍ଦିଷ୍ଟ ପ୍ରଶ୍ନଗୁଡିକୁ ବିଜୁବାବୁଙ୍କୁ ଖୋଲାଖୋଲି ଭାବେ ପଚାରିବୁ । ବିପୁଳ ସଂଖ୍ୟାଗରିଷ୍ଠତା ଅଛି ବୋଲି ସେ ପ୍ରଶ୍ନଟିକୁ ଏଡାଇ ଯିବାର ଅଧିକାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ନାହିଁ । ସେଥିପାଇଁ ସେ ପ୍ରସ୍ତୁତ ରୁହନ୍ତୁ ।